# Akashvani, Sambalpur

## SAMBALPURI NEWS BULLETIN

### 23 February 2025- 6.47- 6.52 am.

*********************************************

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏଜ୍

ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ସୁଭଦ୍ରା ମେଲା ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୩୬ ମସିହାତକ୍ ସମୃଦ୍ଧ ଓଡ଼ିଶା ଗଠନ୍‌ଥି ସୁଭଦ୍ରା ଶକ୍ତିର ବହୁତ୍ ବଡ଼ ଅବଦାନ୍ ରହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ମହିଲାମାନ୍‌କୁ ସଶକ୍ତ କର୍‌ବାର୍ ଦିଗେ ଗଲାକାଏଲ୍ ଭୁବ୍‌ନେଶ୍ୱର୍‌ହ ଜନତା ମଇଦାନ୍ ନ ସୁଭଦ୍ରା ଶକ୍ତି ମେଲା-୨୦୨୫ କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ଓଡ଼ିଶା ଅର୍ଥନୀତି ଇତିହାସ୍‌ଥି ସୁଭଦ୍ରା ଯୋଜ୍‌ନା ସବୁନୁ ବଡ଼ ଯୋଜ୍‌ନା ଆଏ । ଇହାଦେତକ୍ ୯୮ ଲାଖ୍‌ନୁ ଅଏତ୍‌କା ସୁଭଦ୍ରା ମାଙ୍କୁ ୪ ହଜାର୍ ୯ ଶହ କୋଟିନୁ ଅଏତ୍‌କା ଟଙ୍କା ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ୩ ଲାଖ୍ ନୁ ଅଏତ୍‌କା ସ୍ୱୟଂ ସହାୟକ ଗୋଷ୍ଠୀକେ ୩ ଶହ କୋଟି ଟଙ୍କାର୍ ସୁଧ ଛାଡ଼୍ କରାଯିବା । ଆଏବା ୩ ବଛ୍‌ରେ ରାଏଜେ ୨୫ ଲାଖ୍ ଲକ୍ଷପତି ଦିଦି ତିଆର୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମେଳାଥି ଭିନ୍ ଭିନ୍ ଇଲାକାର୍ ୭ ଶହ ନୁ ଅଏତ୍କା ସ୍ୱୟଂ ସହାୟିକା ମହିଲା ଗୋଷ୍ଠୀ ମାନ୍‌କର୍ ୩ ଶହ ନୁ ଅଏତ୍କା ଷ୍ଟଲ୍‌ଥି ଭିନ୍ ଭିନ୍ ଦରବ୍ ପ୍ରଦର୍ଶିତ୍ ଆର୍ ବିକ୍ରି ହେଉଛେ ।

ପିଏମ୍ କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନା ଏନ୍‌ଏସ୍‌ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏବାକାଏଲ୍ ପିଏମ୍ କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନାର ୧୯ ନମ୍ବର ଖେପ୍ ସାହାଜ୍ ଟଙ୍କା ବାଂଟବେ । ବିହାରର ଭାଗଲ୍‌ପୁରଠାନୁ ଗୁଟେ ଖାସ୍ କାର୍ଯ୍ୟକ୍ରମଥି ପ୍ରଧାନମନ୍ତ୍ରୀ ଯୋଗ୍ ଦେଇକରି ସାହାଜ୍ ବାଂଟବେ ବଲି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ କହିଛନ୍ । ଯୋଜ୍‌ନାଥି ଦେଶର୍ ଚାଷୀମାନଙ୍କୁ ୩ ଟା ଖେପେ ବଛର୍‌କ ୬ ହଜାର ଟଙ୍କା ସାହାଜ୍ ଦିଆଯିବା । ଇତାର୍ ସହେତେ ଯୋଜ୍‌ନାକେ ନେଇକରି ଚାଷୀମାନଙ୍କୁ ସଚେତନ୍ କରାଯିବା ବଲି କୃଷିମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ୟୁନିଟ୍ ୫ ନଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏବାକାଏଲ୍ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ସମ୍ବାଦପତ୍ର ଜରିଏ ଲୁକ୍‌କୁ ଜନେଇ ଦିଆୟିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଏଡ୍ -କନିଷ୍ଠ ଶିକ୍ଷକ୍-ହାଇକୋର୍ଟ        ଆର୍‌ଏନ୍‌ୟୁ/

୨ ବର୍ଷିଆ ବିଏଡ୍ ଡିଗ୍ରୀଧାରୀମାନେ କନିଷ୍ଠ ଶିକ୍ଷକ୍ ପଦ୍‌ବୀ ଲାଗି ନିଯୁକ୍ତି ପାଇପାର୍‌ବେ ବଲି ହାଇକୋର୍ଟ ଗୁଟେ ରାୟଥି କହିଛନ୍ । ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ଆଉ ଜଷ୍ଟିସ୍ ମୃଗାଙ୍କ ଶେଖର୍ ସାହୁଙ୍କୁ ନେଇକରି ହେଇଥିବା ଖଣ୍ଡପୀଠ ଇ ବାବ୍‌ଦେ କହେବାର୍ ସହେତେ ନିଯୁକ୍ତି ଲାଗି ପ୍ରସ୍ତୁତ୍ ପ୍ରଭିଜନାଲ୍ ତାଲିକାଥି ଆବେଦନ୍‌କାରୀମାନ୍‌କର୍ ନାଁ ରଖିବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ପୁରୀ ଶ୍ରୀମନ୍ଦିର୍ ଅମୃତ୍ ଶ୍ରୀଅନ୍ନ        ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ପୁରୀ ଶ୍ରୀମନ୍ଦିର୍ ଅମୃତ୍ ଶ୍ରୀଅନ୍ନଥି ଝାର୍‌ସୁଗୁଡ଼ା ଜିଲ୍ଲାର୍ ୧୯ ଖଁଡ୍ ମୌଜାର୍ ଚଇତୁମୁଗ ବେଭାର୍ ହେବା । ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଆଖର୍‌ପାଖର୍ ଇଲାକା ନ ଜୈବିକ୍ ପ୍ରଣାଲୀଥି ଇଟା ଚାଷ୍ କରାଯାଉଛେ । ଖୋବ୍ ଜଲ୍‌ଦି ପୁରୀ ଶ୍ରୀମନ୍ଦିର୍ ନ ଅମୃତ୍ ଅନ୍ନ ପ୍ରକଳ୍ପ ମୁଲ୍ ହେବାର୍‌କେ ଥିବାର୍ ବେଲେ ଜୈବିକ୍ ପଦ୍ଧତିଥି ହେଉଥିବା ପନିପରିବା ଆର୍ ଶସ୍ୟକେ ମାହାପୁରୁଙ୍କର ଭୋଗଥି ସାମିଲ୍ କରାଯିବା ବଲି ଜନାପଡ଼ିଛେ ।

ଚିତ୍ରକଳା ପ୍ରଦର୍ଶନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଗୌରୀଶଙ୍କର୍ ସାହାଣୀ ପାର୍କ ଠାନେ ଥିବା ଓଡ଼ିଶା ଲଳିତ କଳା ଏକାଡେମୀ ଆଂଚଲିକ୍ ଆର୍ଟ ଗେଲେରୀ ନ ଆୟୋଜିତ୍ ହେଇଥିବା ଚିତ୍ରକଳା ପ୍ରଦର୍ଶନୀ ‘ଐକ୍ୟମ୍’ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ସାରା ରାଏଜ୍ରୁ ପାଖାପାଖି ୨୪ ଝନ୍ ଯୁବ ଚିତ୍ରଶିଳ୍ପୀ ଇଥି ଭାଗ୍ ନେଇଥିଲେ ।

ଜାତୀୟ କ୍ରୀଡ଼ା-ଖେଲାଲୀ ସମ୍ବର୍ଦ୍ଧିତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତରଫୁ ଗଲାକାଏଲ୍ ୩୮ ନମ୍ବର୍ ଜାତୀୟ କ୍ରୀଡ଼ାଥି ପଦକ୍ ଜିତିଥିବା ରାଜ୍ୟର୍

ଖେଲାଳୀମାନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଛେ । କଳିଙ୍ଗ ଷ୍ଟାଡ଼ିୟମ୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପଦକ୍ ବିଜେତା ମାନ୍‌କୁ ପୁରସ୍କାର୍ ଟଙ୍କା ଆଉ ପ୍ରମାଣ୍‌ପତ୍ର ଦେଇଛନ୍ । ଇ ଅବ୍‌ସରେ ସ୍ୱର୍ଣ୍ଣପଦକ୍ ବିଜେତାଙ୍କୁ ୬ ଲାଖ୍ ରୌପ୍ୟ ଲାଗି ୪ ଲାଖ୍ ଆଉ ବ୍ରୋଂଚ୍ ଲାଗି ୩ ଲାଖ୍ ଟଙ୍କା ପୁରସ୍କାର୍ ଦିଆଯାଇଥିଲା । ଉତରାଖଣ୍ଡ ନ ହେଇଥିବା ଜାତୀୟ କ୍ରୀଡ଼ାଥି ରାଜ୍ୟକେ ୧୪ ଟା ସ୍ୱର୍ଣ୍ଣ, ୧୫ ଟା ରୌପ୍ୟ ଆଉ ୧୭ ଟା ବ୍ରୋଞ୍ଜ୍ ସହେତେ ମୋଟ୍ ୪୬ ଟା ପଦକ୍ ମିଳିଥିଲା ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ଭୁବନେଶ୍ୱର୍ କଳିଙ୍ଗ ହକି ଷ୍ଟାଡ଼ିୟମ୍ ଠାନେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ଥି ଗଲାକାଏଲ୍ ପୁରୁଷ ଆଉ ମହିଳା ବର୍ଗଥି ଭାରତ୍ ଜିତିଛେ । ପୁରୁଷ ବର୍ଗଥି ଆର୍ୟଲ୍ୟାଣ୍ଡ୍‌କେ ୪-ଶୂନ୍ ଗୋଲ୍‌ଥି ଆଉ ମହିଳା ବର୍ଗଥି ଜର୍ମାନୀକେ ୧-ଶୂନ୍ ଗୋଲ୍‌ଥି ଭାରତ୍ ହରେଇଛେ । ଆଉଗୁଟେ ମେଚ୍‌ଥି ନେଦର୍‌ଲେଣ୍ଡ୍ ମହିଳା ଦଲ୍ ୬-ଶୂନ୍ ଗୋଲ୍‌ଥି ଇଂଲଣ୍ଡ୍‌କେ ହରେଇଥିଲା ।

ପାଣିପାଗ	ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ କେତେଟା ଜାଗା ନ ପଶ୍ଚିମାଝଡ଼୍ ପ୍ରଭାବ୍‌ଥି ବର୍ଷା ହେଇଯାଇଛେ । ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ସହେତେ ରାଜ୍ୟର୍ କେତେଟା ଜାଗା ନ ଜବର୍ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସତର୍କ ସୂଚନା ଜାରି କରିଛେ । ବର୍ଷା ଲାଗି ରାଏଜେ ଦିନର୍ ତାତି ଟିକେ କମିଛେ । ଗଲାକାଏଲ୍ ରାଜ୍ୟର ୧୮ଟା ସହରର ସବୁନୁ ଜହ ତାତି ୩୩ ଡିଗ୍ରୀ ଉପ୍‌ରେ ଥିଲା ।